# NATIONAL NEWS BULLETIN (ODIA)

**27 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ବାର୍ଷିକ ଏନ୍‌ସିସି ର‍୍ୟାଲିକୁ ଆଜି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ଉତ୍ତରାଖଣ୍ଡରେ ଆଜିଠାରୁ ଲାଗୁ ହେଲା ସମାନ ନାଗରିକ ସଂହିତା
- ପ୍ରୟାଗରାଜ ମହାକୁମ୍ଭ ମେଳାରେ ଆଜି ବୁଡ଼ ପକାଇଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଭୁବନେଶ୍ୱରଠାରେ ଆସନ୍ତାକାଲି 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗରେ ଆଜି ଶ୍ରାଚି ରାଢ଼ୀ ବେଙ୍ଗଲ ଟାଇଗର୍ସ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ହେବ ମୁକାବିଲା ।

---

# ପିଏମ୍-ଏନ୍‌ସିସି ର‍୍ୟାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର କାରିଆପ୍ପା ପରେଡ୍ ଗ୍ରାଉଣ୍ଡରେ ବାର୍ଷିକ ଏନ୍‌ସିସି ର‍୍ୟାଲିକୁ ଆଜି ସମ୍ବୋଧନ କରିବେ । ଚଳିତବର୍ଷ ଏନ୍‌ସିସି ର‍୍ୟାଲିର ବିଷୟବସ୍ତୁ ରହିଛି **ଯୁବଶକ୍ତି ବିକଶିତ ଭାରତ ।** ଏଥିରେ ୮୦୦ରୁ ଅଧିକ ଏନ୍‌ସିସି କ୍ୟାଡେଟ୍ ଅଂଶ ଗ୍ରହଣ କରୁଛନ୍ତି । ଦେଶ ନିର୍ମାଣ କ୍ଷେତ୍ରରେ ଏନ୍‌ସିସିର ପ୍ରତିବଦ୍ଧତା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ

କ୍ୟାଡେଟ୍‌ଙ୍କ ଦ୍ୱାରା ପରିବେଷଣ କରାଯିବ । ଏହି କାର୍ଯ୍ୟକ୍ରମରେ ୧୮ଟି ଦେଶର ୧୪୪ ଜଣ ଯୁବ କ୍ୟାଡେଟ୍ ମଧ୍ୟ ଅଂଶ ଗ୍ରହଣ କରୁଛନ୍ତି । ମେରା ଯୁବ ଭାରତ, ଶିକ୍ଷା ମନ୍ତ୍ରଣାଳୟ, ଆଦିବାସୀ ବ୍ୟାପାର ବିଭାଗ, ୬୫୦ରୁ ଅଧିକ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଉଛନ୍ତି ।

## ପିଏମ୍-ଓ୍ୱାର୍ଲଡ ଲିଡର୍ସ

ଭାରତର ୭୬ତମ ଗଣତନ୍ତ୍ର ଦିବସ ଉପଲକ୍ଷେ  ବିଶ୍ୱର ପ୍ରମୁଖ ନେତୃବୃନ୍ଦ ଶୁଭେଚ୍ଛା ବାର୍ତ୍ତା ପଠାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ଶୁଭେଚ୍ଛା ବାର୍ତ୍ତାର ଉତ୍ତରରେ ଶ୍ରୀ ମୋଦୀ କହିଛନ୍ତି, ଗତବର୍ଷ ୭୫ତମ ଗଣତନ୍ତ୍ର ଦିବସ ପାଳନରେ ତାଙ୍କର ଯୋଗଦାନ ଦୁଇଦେଶ ମଧ୍ୟରେ ରଣନୈତିକ ଭାଗିଦାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କକୁ ଦୃଢ଼ୀଭୂତ କରିଥିଲା । ମାନବିକତାର ଏକ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟ କରିବା ଲକ୍ଷ୍ୟରେ ପ୍ୟାରିସ୍‌ଠାରେ ଏଆଇ କାର୍ଯ୍ୟାନ୍ୱୟନ ସମିତି ବୈଠକରେ ପରସ୍ପର ସହିତ ସାକ୍ଷାତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ସେହିପରି ଆୟାରଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ମାଇକେଲ୍ ମାର୍ଟିନ୍‌ଙ୍କ ଶୁଭେଚ୍ଛା ବାର୍ତ୍ତାର ଉତ୍ତରରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ଓ ଆୟାରଲ୍ୟାଣ୍ଡ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ବଜାୟ ରହିବ ବୋଲି ସେ ଆଶା ପ୍ରକଟ କରିଛନ୍ତି । ଗଣତନ୍ତ୍ରର ବିଶ୍ୱାସ ଉପରେ ପର୍ଯ୍ୟବେସିତ ଦୁଇଦେଶ ମଧ୍ୟରେ ଆଗାମୀ ଦିନରେ ସଂପର୍କ ଅଧିକ ଦୃଢ଼ୀଭୂତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଉତ୍ତରାଖଣ୍ଡ-ୟୁସିସି

ଉତ୍ତରାଖଣ୍ଡରେ ଆଜିଠାରୁ ସମାନ ନାଗରିକ ସଂହିତା ଲାଗୁ ହୋଇଛି । ସମାନ ନାଗରିକ ସଂହିତା ଆଇନକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଉତ୍ତରାଖଣ୍ଡ ହେଉଛି ପ୍ରଥମ ରାଜ୍ୟ । ଏହି ଆଇନରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାରକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ୨୦୨୨ ମସିହା ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ସମୟରେ ବିଜେପି ସମାନ ନାଗରିକ ସଂହିତା କାର୍ଯ୍ୟକାରୀ କରିବା ଲାଗି ଦୃଢ଼ ପ୍ରତିଶ୍ରୁତି ଦେଇଥିଲା । ଏହି ପ୍ରତିଶ୍ରୁତି ଦେଇ ବିଜେପି ଦ୍ୱିତୀୟ ଥର ଲାଗି ପୁଣି ଶାସନ କ୍ଷମତାକୁ ଆସିପାରିଥିଲା । ରାଜ୍ୟ କ୍ୟାବିନେଟ ବୈଠକରେ ସମାନ ନାଗରିକ ସଂହିତା କାର୍ଯ୍ୟକାରିତାର ନିୟମାବଳୀକୁ ଅନୁମୋଦନ କରାଯାଇଥିଲା ଏବଂ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଦିନ ଧାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା । ଏହି ନିୟମ ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମେତ ସମସ୍ତ ବର୍ଗର ନାଗରିକଙ୍କ ପାଇଁ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଆଦି ସମାନ ଭାବରେ ଲାଗୁ କରାଯିବ । ଏହି ଆଇନ ଅଧୀନରେ ସମସ୍ତ ବିବାହ ଏବଂ ଲିଭ୍ ଇନ୍ ରିଲେସନ୍‌ସିପ୍‌ର ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ କହିଛନ୍ତି ଏହି ଆଇନର କାର୍ଯ୍ୟକାରିତା ରାଜ୍ୟରେ ସମାନତା ଆଣିବା ସହ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାର ଏବଂ ଦାୟିତ୍ୱକୁ ସୁନିଶ୍ଚିତ କରିବ । ଆଇନର କାର୍ଯ୍ୟକାରିତା ନେଇ ବିଭାଗୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଧାମୀ ସୂଚନା ଦେଇଛନ୍ତି ।

# ମହାକୁମ୍ଭ -ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ପ୍ରୟାଗରାଜ ଗସ୍ତ କରି ଦିବ୍ୟ, ଭବ୍ୟ ମହାକୁମ୍ଭ ସଙ୍ଗମରେ ବୁଡ଼ ପକାଇଛନ୍ତି । ସାଧୁସନ୍ଥଙ୍କ ଗହଣରେ ଧାର୍ମିକ ପରିବେଶ ମଧ୍ୟରେ ଶ୍ରୀ ଶାହା ସ୍ନାନ କରି ସଙ୍ଗମ ତଟରେ ପୂଜାର୍ଚ୍ଚନା କରିଛନ୍ତି । ଶ୍ରୀ ଶାହା ପୁରୀ ଶଙ୍କରାଚାର୍ଯ୍ୟ, ଦ୍ୱାରିକା ଶଙ୍କରାଚାର୍ଯ୍ୟଙ୍କ ସମେତ ବହୁ ସାଧୁସନ୍ଥଙ୍କୁ ଭେଟିଛନ୍ତି । ସେ ବଡ଼େ ହନୁମାନଙ୍କୁ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ସଂଯୁକ୍ତ ଆରବ ଏମିରେଟ୍‌ସକୁ ୩ ଦିନିଆ ଗସ୍ତରେ ଯାଉଛନ୍ତି । ଗସ୍ତକାଳରେ ଶ୍ରୀ ଜୟଶଙ୍କର ଆରବ ଏମିରେଟ୍‌ର୍ସର ନେତୃବୃନ୍ଦଙ୍କ ସହ ଦୁଇଦେଶ ମଧ୍ୟରେ ସଂପର୍କକୁ ତ୍ୱରାନ୍ୱିତ କରିବା ଲାଗି ଘନିଷ୍ଠ ଭାଗିଦାରିତାର ସମୀକ୍ଷା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ତାଙ୍କର ଏହି ଗସ୍ତ ଦୁଇଦେଶ ମଧରେ ବ୍ୟାପକ ରଣନୈତିକ ଭାଗିଦାରିତା ସଂପର୍କକୁ ଆଗେଇ ନେବା ଲାଗି ସୁଯୋଗ ସୃଷ୍ଟିକରିବ ।

---

# ଗୋୟଲ -ଓମାନ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଆଜିଠାରୁ ଓମାନ୍‌ର ମସ୍କାଟକୁ ଏକାଦଶ ମିଳିତ ଆୟୋଗ ବୈଠକରେ ଯୋଗଦେବା ଲାଗି ଦୁଇଦିନିଆ ଗସ୍ତ କରୁଛନ୍ତି । ଗସ୍ତକାଳରେ ଶ୍ରୀ ଗୋୟଲ ଓମାନର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ କ୍ୱାଇସ୍ ବିନ୍ ମହମ୍ମଦ ବିନ୍ ମୋସାଙ୍କ ସହ ଆଲୋଚନା

କରିବେ । ଉଭୟ ନେତା ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ବିଶ୍ୱ ଅର୍ଥନୈତିକ ସ୍ଥିତି ସଂପର୍କରେ ବ୍ୟାପକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବାଣିଜ୍ୟ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଓମାନ୍ ସହ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ ସଂପର୍କକୁ ତ୍ୱରାନ୍ୱିତ କରିବା ଲାଗି ଶ୍ରୀ ଗୋୟଲଙ୍କ ଗସ୍ତ ସହାୟକ ହେବ ।

## ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭୁବନେଶ୍ୱର ଜନତା ମଇଦାନଠାରେ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ର ଉଦ୍‌ଘାଟନ କରିବେ । ଆମ ଭୁବନେଶ୍ୱର ସମ୍ବାଦଦାତା ଜଣାଇଥିବା ସୂଚନା ଅନୁଯାୟୀ, ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ୨୦ଟି ରାଷ୍ଟ୍ରରୁ ୭ହଜାର ୫୦୦ରୁ ଅଧିକ ପ୍ରତିନିଧି ଯୋଗଦେଉଛନ୍ତି । ଏହାର ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଏହି କନକ୍ଲେଭ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । କନ୍‌କ୍ଲେଭ୍ ଅବସରରେ ବିଭିନ୍ନ କ୍ଷେତ୍ରରେ ୧୦୦ରୁ ଊର୍ଦ୍ଧ୍ୱ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ସାଢ଼େ୩ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା କରାଯାଉଛି ।

## ଦିଲ୍ଲୀ ଇଲେକ୍ସନ

ଦିଲ୍ଲୀ ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି । ଆମ୍ ଆଦମୀ ପାର୍ଟି ପକ୍ଷରୁ ଆଜି ନିର୍ବାଚନୀ ଇସ୍ତାହାର ଜାରି କରାଯାଇଛି । ନୂଆଦିଲ୍ଲୀଠାରେ ଦଳର ପ୍ରବକ୍ତା ଅରବିନ୍ଦ କେଜରିୱାଲ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି, ତାଙ୍କ ଦଳ

କ୍ଷମତାକୁ ଆସିଲେ ଆଗାମୀ ୫ ବର୍ଷ ମଧ୍ୟରେ ୧୫ଟି ପ୍ରତିଶ୍ରୁତି ପୂରଣ କରିବ । ପ୍ରତିଶ୍ରୁତି ମଧ୍ୟରେ କର୍ମନିଯୁକ୍ତି ସୁଯୋଗ, ଚିକିତ୍ସା ସୁବିଧା ନିମନ୍ତେ ସଂଜୀବନୀ ଯୋଜନା, ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ ସହାୟତା ସ୍ୱରୂପ ୨୧ଶହ ଟଙ୍କା ପ୍ରଦାନ ଏବଂ ପୁରୁଣା ଜଳ ବିଲ୍ ଛାଡ଼ ଆଦି ଅନ୍ତର୍ଭୁକ୍ତ ।

ଅପରପକ୍ଷରେ ବିଜେପି ପକ୍ଷରୁ ଆମ୍ ଆଦମୀ ପାର୍ଟିକୁ ଦଳବିରୋଧୀ ବୋଲି ସମାଲୋଚନା କରାଯାଇଛି । ବରିଷ୍ଠ ବିଜେପି ନେତା ସମ୍ବିତ ପାତ୍ର ପଞ୍ଜାବର ଅମୃତସରଠାରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ମୂର୍ତ୍ତିଭଙ୍ଗା ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି । ଏହା ଏକ ଲଜ୍ଜାଜନକ ଘଟଣା ବୋଲି ସେ କହିଛନ୍ତି ।

## ପଞ୍ଜାବ-ପାକ୍

ପଞ୍ଜାବ ସୀମାନ୍ତରେ ୫ ଜଣ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କ ଉଦ୍ୟମକୁ ସୀମା ସୁରକ୍ଷା ବାହିନୀ ପଣ୍ଡ କରିଛି । ୨୦୨୪ ମସିହା ଜାନୁଆରୀରୁ ଚଳିତବର୍ଷ ଜାନୁଆରୀ ୨୬ ତାରିଖ ମଧ୍ୟରେ ପାକିସ୍ତାନର ଭାରତୀୟ ଅଞ୍ଚଳକୁ ଅନୁପ୍ରବେଶ ଉଦ୍ୟମ କରୁଥିବା ୩୦ ଜଣ ପାକିସ୍ତାନ ନାଗରିକଙ୍କୁ ବିଏସ୍ଏଫ୍ ପକ୍ଷରୁ ଗିରଫ କରାଯାଇଥିଲା । ବିଏସଏଫ୍ର ଅତିରିକ୍ତ ମହାନିର୍ଦ୍ଦେଶକ ସତୀଶ ଖଣ୍ଡାରେ ଅମ୍ରିତସରଠାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସେହି ସମୟ ମଧ୍ୟରେ ୧୦୧ ଜଣ ଭାରତୀୟ ଚୋରା ଚାଲାଣକାରୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ବିଏସ୍ଏଫ୍ ପଞ୍ଜାବ ଫ୍ରଣ୍ଟିୟର ଇନ୍ସପେକ୍ଟର ଜେନେରାଲ୍ ଡକ୍ଟର ଅତୁଲ ଫୁଲ୍ଜେଲ୍ କହିଛନ୍ତି ବିଏସଏଫ୍ ଯବାନ ପକ୍ଷରୁ ୩୦୧ କିଲୋଗ୍ରାମ୍ ହେରୋଇନ୍, ୩୧୯ଟି ପାକିସ୍ତାନୀ ଡ୍ରୋନ୍ ଏବଂ ବିଭିନ୍ନ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଛାତ୍ରଛାତ୍ରୀଙ୍କ ଦ୍ୱାରା ପରୀକ୍ଷା ସମ୍ବନ୍ଧୀୟ ଚାପର ମୁକାବିଲା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ଯୁଗ୍ମ ସଚିବ ଡକ୍ଟର ଶ୍ୱେତା ଅରୋରା ଏବଂ ଏମ୍ସର ମାନସିକ ରୋଗ ବିଭାଗ ପ୍ରଫେସର ଡାକ୍ତର ରାଜେଶ ସାଗର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରାଯାଇ ପାରିବ ।

---

# ପଞ୍ଜାବ -ବିଏସ୍ଏଫ୍

ସୀମା ସୁରକ୍ଷା ବାହିନୀ ପଞ୍ଜାବ ଫ୍ରଣ୍ଟିୟର ପକ୍ଷରୁ ଆସନ୍ତାମାସ ୨୩ ତାରିଖରୁ ବର୍ଡର ମେନ୍ ମାରାଥନ-୨୦୨୫ର ଚତୁର୍ଥ ସଂସ୍କରଣ ଆୟୋଜନ କରାଯାଉଛି । ଏହି ବାର୍ଷିକ ମାରାଥନ ଅମୃତସରର ଗୋଲ୍ଡେନ୍ ଗେଟରୁ ଆରମ୍ଭ ହୋଇ ଅଟାରୀ ସୀମାନ୍ତ ପର୍ଯ୍ୟନ୍ତ ଯିବ । ମାରାଥନକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି । ପୂର୍ଣ୍ଣ ମାରାଥନ ୪୨ କିଲୋମିଟର, ଅର୍ଦ୍ଧ ମାରାଥନ ୨୧ କିଲୋମିଟର ଏବଂ ୧୦ କିଲୋମିଟର ଦୌଡ଼ର ଆୟୋଜନ କରାଯିବ । ସୀମା ସୁରକ୍ଷା ବାହିନୀ ପକ୍ଷରୁ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ପଞ୍ଜାବର ଯୁବବର୍ଗଙ୍କୁ ଶାରୀରିକ ସୁସ୍ଥତା ଏବଂ ନିଶା ସେବନରୁ ଦୂରେଇ ରଖିବା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କରାଯାଉଛି । ଦେଶର ବିଭିନ୍ନ ପ୍ରାନ୍ତରରୁ ଦୌଡ଼

ପ୍ରତିଯୋଗୀଙ୍କୁ ନିମନ୍ତ୍ରଣ କରାଯାଇଛି । ଏଥିନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପୂର୍ଣ୍ଣ ମାରାଥନର ବିଜେତାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା, ଅର୍ଦ୍ଧମାରାଥନର ବିଜେତାଙ୍କୁ ୭୫ ହଜାର ଏବଂ ୧୦ କିଲୋମିଟର ଦୌଡ଼ ପାଇ ୫୦ ହଜାର ଟଙ୍କା ପ୍ରପୁରସ୍କାର ରାଶି ଘୋଷଣା କରାଯାଇଛି ।

---

## ହକି

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି  ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ଶ୍ରାଚୀ ରାହ ବେଙ୍ଗଲ ଟାଇଗର୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ସନ୍ଧ୍ୟା ୬ଟାରେ ମ୍ୟାଚ୍ ଖେଳାଯିବ । ରାତି ୮ଟା ୧୫ ମିନିଟ୍‌ରେ ସୁର୍‌ମା ହକି କ୍ଲବ ଏବଂ କଳିଙ୍ଗ ଲାନ୍‌ସର୍ସ ପରସ୍ପରକୁ ଭେଟିବେ ।

ଓଡ଼ିଶା ୱାରିଅର୍ସ ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ଟାଇଟଲ୍ ହାସଲ କରିଛି । ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ୱାରିଅର୍ସ' ସୁରମା ହକି କ୍ଲବ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା ।

## ଫୁଟ୍‌ବଲ୍ ଆଇଏସ୍‌ଏଲ୍

ଇଣ୍ଡିଆନ ସୁପର ଲିଗ୍ ଫୁଟବଲ ପ୍ରତିଯୋଗିତାରେ  ଆଜି ସନ୍ଧ୍ୟା ସାଢ଼େ୭ଟାରେ ମୋହନବାଗନ୍ ସୁପରଜ୍ୟାଣ୍ଟ୍ ଏବଂ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ କୋଲ୍‌କାତାର ବିବେକାନନ୍ଦ ଯୁବଭାରତୀ କ୍ରିଡ଼ାଙ୍ଗନଠାରେ ମ୍ୟାଚ୍ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍‌ସି' ମହମ୍ମଡାନ ଏସ୍‌ସିକୁ ପରାସ୍ତ କରିଛି । ମୁମ୍ବାଇର ଫୁଟବଲ୍ ଆରେନା ପଡ଼ିଆଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ମୁମ୍ବାଇ' ମହମ୍ମଡାନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲା ।